# ଓଡ଼ିଆଙ୍କ ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତା ପ୍ରତି ଆଘାତ

ମୋରଡା,୧୯।୬(ସମିସ)

ଜାତୀୟ ଶିକ୍ଷାନୀତି ୨୦୨୦କୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ପାଠ୍ୟକ୍ରମ। କେଉଁଠି ବନାନ ଭୁଲ ତ ଆଉ କେଉଁଠି ମହାପୁରୁଷଙ୍କ ଫଟୋ ଭୁଲ୍। ଓଡ଼ିଶା ବିଧାନସଭା ଚିତ୍ର ସ୍ଥାନରେ କର୍ଣ୍ଣାଟକ ବିଧାନସଭାର ଫଟୋ ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ ପରିବର୍ତ୍ତନ

**ଭୁଲ ଥିବା ବହି ପିଲାଙ୍କୁ ବାଣ୍ଟିଛି ଶିକ୍ଷା ବିଭାଗ, ଚିନ୍ତାରେ ଅଭିଭାବକ**

ହୋଇଥିବାବେଳେ ପିଲାଙ୍କୁ ଏହି ପୁସ୍ତକ ବଣ୍ଟନ କରାଗଲାଣି। କିନ୍ତୁ ଉକ୍ତ ବହିରେ ଭୁଲ୍ ସାମ୍ନାକୁ ଆସିବା ପରେ ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠୁଛି। କେବଳ ଅଷ୍ଟମ ଶ୍ରେଣୀ ବହିରେ ସର୍ବାଧିକ ୭୦୫ଟି ଭୁଲ ରହିଛି। ଯାହାକୁ ନେଇ ମୋରଡା ବ୍ଲକର ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଏହା ଓଡ଼ିଆଙ୍କ ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତା ପ୍ରତି ସିଧାସାଖ ଆଘାତ ବୋଲି ଅଭିଯୋଗ ହେଉଛି।

## ସେମାନେ ଯାହା କୁହନ୍ତି...

ଅନେକ ମନଗଢ଼ା କାହାଣୀକୁ ପାଠ୍ୟକ୍ରମରେ ଭର୍ତ୍ତି କରାଯାଇଛି। ଯଦ୍ୱାରା ଛାତ୍ରଛାତ୍ରୀ ସମସ୍ୟାରେ ପଡ଼ିବେ। ଏଭଳି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରାଯାଉ ଓ ପାଠ୍ୟପୁସ୍ତକ ପ୍ରକାଶନରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ। ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରି ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ଧ୍ୱଂସ କରିବା, ବିଜ୍ଞାନସମ୍ମତ ଶିକ୍ଷାଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ସହ ଶିକ୍ଷାର ଘରୋଇକରଣ ଓ ବ୍ୟବସାୟୀକରଣ ପାଇଁ ଏହା ଏକ ଷଡ଼ଯନ୍ତ୍ର।

**-ଶୁଭ କୁମାର ମହାନ୍ତ, ପୂର୍ବତନ ଛାତ୍ର ସଂସଦ ସଭାପତି**

ଗୋଟିଏ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଚଳିତ ବର୍ଷ ୫୫ଟି ପାଠ୍ୟପୁସ୍ତକ ବଦଳାଇବାର କୌଣସି ଆବଶ୍ୟକ ନ ଥିଲା। ରାଜ୍ୟ ସରକାରଙ୍କର ଏଭଳି ତରବରିଆ ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ ଥିଲା ଓ ଯେଉଁ ଶିକ୍ଷକଙ୍କୁ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତି ପାଇଁ ଦାୟିତ୍ୱ ଦିଆଯାଇଛି, ସେମାନଙ୍କର କୌଣସି ଅଭିଜ୍ଞତା ନାହିଁ। ତେଣୁ ଅନଭିଜ୍ଞ ଲୋକଙ୍କୁ ଏହି କାର୍ଯ୍ୟ ଦିଆଯାଇଥିବା ଯୋଗୁଁ ଏଭଳି ତ୍ରୁଟି ହେବା ସ୍ୱାଭାବିକ।

**-ହୃଷିକେଶ ବେହେରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ**

ବହି ଛପାଯିବା ସହ ଏହାକୁ ସମସ୍ତ ସ୍କୁଲରେ ପ୍ରଦାନ କରାଯାଇସାରିଛି। ତେଣୁ ଛାତ୍ରଛାତ୍ରୀଙ୍କୁ କିଭଳି ପାଠ୍ୟପୁସ୍ତକରେ ଥିବା ତ୍ରୁଟି ସଂଶୋଧନ କରି ଶିକ୍ଷାଦାନ କରାଯିବ, ତାହା ଏବେ ଶିକ୍ଷକଙ୍କ ପାଇଁ ପ୍ରାଥମିକତା ରହିଛି। ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଏ ଦିଗରେ ତ୍ରୁଟି ସଂଶୋଧନ କରିବା ସହଜସାଧ ଥିଲେ ବି ପ୍ରଥମରୁ ପଞ୍ଚମ ପାଇଁ କଷ୍ଟକର ହେବ ବୋଲି ମୁଁ ଭାବୁଛି। ତଥାପି ପିଲାଙ୍କ ଠିକ୍ ପାଠପଢ଼ା ପ୍ରତି ଧ୍ୟାନ ଦେବୁ।

**-ଅରୁଣ କୁମାର ବେହେରା, ଶିକ୍ଷକ ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟ**

ପାଠ୍ୟପୁସ୍ତକରେ ତ୍ରୁଟି ଧରାପଡ଼ିବା ପରେ ସେଥିରେ ଶିକ୍ଷାଦାନ କରାଯିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭୁଲ। ଥରେ ଭୁଲ ହୋଇଥିବାବେଳେ ରାଜ୍ୟ ସରକାର ପୁଣିଥରେ ଭୁଲ କରିବାକୁ ଯାଉଛନ୍ତି। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକରେ ଶିକ୍ଷାଦାନ ହେଲେ ଛାତ୍ରଛାତ୍ରୀ ଠିକ୍ ତଥ୍ୟ ବିଦ୍ୟାଳୟରେ ପଢି ପାରିବେନାହିଁ। ଆମ ମୋରଡା ବ୍ଲକରେ ଅନେକ ଗାଁରେ ପିଲାମାନେ ଯଦି ଏହି ବହିରୁ ବିଷୟଗୁଡିକୁ ପଢି ପରୀକ୍ଷା ଦେଲେ, ସେମାନଙ୍କ ଭବିଷ୍ୟତ କ'ଣ ହେବ, ତାହା ସରକାର ଚିନ୍ତା କରିବା ଆବଶ୍ୟକ। ତେଣୁ ଏହି ପୁସ୍ତକଗୁଡିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯାଉ।

**-ତାପସ ରଞ୍ଜନ ରାଉତ, ଯୁବ କଂଗ୍ରେସ ସଭାପତି**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଏକାଧିକ ତ୍ରୁଟି ଧରାପଡ଼ିବା କେବଳ ମୁଦ୍ରଣଜନିତ ନୁହେଁ, ଅନିଭିଜ୍ଞତାର ପରିଚୟ ଦେଉଛି। ଏଭଳି ତ୍ରୁଟି ଶିଶୁଙ୍କ ଶିକ୍ଷା ପ୍ରତି ଅନ୍ୟାୟ। ନିଉଟନ୍‌ଙ୍କୁ "ସର୍ବଶ୍ରେଷ୍ଠ ପାଇଲଟ୍" ବୋଲି ଲେଖିବା, କର୍ଣ୍ଣାଟକ ବିଧାନସଭାକୁ ଓଡ଼ିଶା ବିଧାନସଭା, ହମ୍ପିକୁ କୋଣାର୍କ ସୂର୍ଯ୍ୟ ମନ୍ଦିର ବୋଲି ଦର୍ଶାଇବା ଏସବୁ ଶିକ୍ଷା ବ୍ୟବସ୍ଥାର ଭିତରେ ଥିବା ଚରମ ଅବହେଳାର ପ୍ରମାଣ। ଏହା ଓଡ଼ିଆଙ୍କ ସ୍ୱାଭିମାନ ତଥା ଓଡ଼ିଆ ଅସ୍ମିତା ଉପରେ ସିଧାସଳଖ ଆଘାତ। ତେଣୁ ତ୍ରୁଟିପୂର୍ଣ୍ଣ ପୁସ୍ତକ ତୁରନ୍ତ ପ୍ରତ୍ୟାହାର ହେଉ। ତଦନ୍ତ ରିପୋର୍ଟ ସର୍ବସାଧାରଣରେ ପ୍ରକାଶ କରାଯଉ ଓ ଏଭଳି ଘଟଣାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**-ସ୍ମାରକ ମାଝୀ, ସାମ୍ବାଦିକ**

# ପୂର୍ଣ୍ଣାଙ୍ଗ ଏମ୍ସ ପ୍ରତିଷ୍ଠା ଦାବିରେ ଏକଦିବସୀୟ ଉପବାସ ଅନଶନ

**ବାରିପଦା, ୧୯।୬(ସମିସ):** ମୟୂରଭଞ୍ଜରେ ଏକ ପୂର୍ଣ୍ଣାଙ୍ଗ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ଏମ୍ସ ପ୍ରତିଷ୍ଠା କରାଯାଉ। ନଚେତ୍ ମୟୂରଭଞ୍ଜକୁ ପୁନଃ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରାଯିବା ଦାବିରେ ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଆଜି ଏକଦିବସୀୟ ଉପବାସ ଅନଶନ ପାଳନ କରିଛନ୍ତି। ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଉପବାସ ଅନଶନ କରିବାର ଅନୁମତି ନ ମିଳିବାରୁ ବାରିପଦାର ନିଜ ବାସଭବନ ସାମ୍ନାରେ ଉପବାସ ଅନଶନ କରିଥିଲେ। ଉପବାସ ଅନଶନର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ମୟୂରଭଞ୍ଜବାସୀଙ୍କୁ ବିଶ୍ୱସ୍ତରୀୟ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ଏଠାରେ ଏକ ପୂର୍ଣ୍ଣାଙ୍ଗ ଏମ୍ସ ପ୍ରତିଷ୍ଠା କରାଗଲେ ମୟୂରଭଞ୍ଜବାସୀଙ୍କ ସମେତ ସମଗ୍ର ଉତ୍ତର ଓଡ଼ିଶାବାସୀ, ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳର ହଜାର ହଜାର ଲୋକ ଏଠାରେ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇ ଉପକୃତ ହୋଇଥା'ନ୍ତେ। ଗତବର୍ଷ ମାସାଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ବାରିପଦାରୁ ଭୁବନେଶ୍ୱର ଲୋକସେବା ଭବନକୁ ପଦଯାତ୍ରା କରି ମୟୂରଭଞ୍ଜରେ ଏକ ପୂର୍ଣ୍ଣାଙ୍ଗ ଏମ୍ସ ପ୍ରତିଷ୍ଠା ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ପ୍ରଦାନ କରାଯାଇଥିଲା। ଏହି ଦାବିକୁ ସାକାର କରିବା ନିମନ୍ତେ ମୟୂରଭଞ୍ଜ ଗସ୍ତରେ ଆସୁଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୃଷ୍ଟି ଆକର୍ଷଣ କରିବା ନିମନ୍ତେ ଆଜିର ଉପବାସ ଅନଶନ କରାଯାଇଥିଲା। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଏହି ଐତିହାସିକ ମୟୂରଭଞ୍ଜ ଗସ୍ତ ସମୟରେ ଯଦି ପୂର୍ଣ୍ଣାଙ୍ଗ ଏମ୍ସ ପ୍ରତିଷ୍ଠା ନିମନ୍ତେ ଘୋଷଣା କରନ୍ତି, ତେବେ ମୟୂରଭଞ୍ଜବାସୀ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କ ଏହି ଅବଦାନକୁ ଯୁଗେ ଯୁଗେ ମନେ ରଖିବେ ବୋଲି ଶ୍ରୀ ମାରାଣ୍ଡି କହିଛନ୍ତି। ଯଦି ପୂର୍ଣ୍ଣାଙ୍ଗ ଏମ୍ସ ପ୍ରତିଷ୍ଠା ନିମନ୍ତେ କୌଣସି ଘୋଷଣା ନ ହୁଏ, ତେବେ ସମ୍ବିଧାନର ଧାରା-୩ ଅନୁସାରେ ମୟୂରଭଞ୍ଜକୁ ପୁନଃ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳ ଘୋଷଣା କରିବାକୁ ମାସାଆର୍ମୀ ପକ୍ଷରୁ ଦାବି କରାଯାଇଛି। ଶେଷରେ ମାସାଆର୍ମୀ ସଂଗଠନର କର୍ମକର୍ତ୍ତା ବିଶୁ ମୁର୍ମୁ, ରଣଜିତ ମୁର୍ମୁ, ବିକ୍ରମ ମୁର୍ମୁ, ଲାଲମୋହନ ବାସ୍କେ, ମୁନସି ମୁର୍ମୁ, ଗୟା ସୋରେନ ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ଉପବାସ ଅନଶନରେ ବସିଥିବା ଶ୍ରୀ ମାରାଣ୍ଡିଙ୍କୁ ସର୍ବତ ପାଣି ପିଆଇ ଏକଦିବସୀୟ ଉପବାସ ଅନଶନକୁ ଭଙ୍ଗ କରାଇଥିଲେ।




## ମହୁଲଫୁଲ ଓ ମଦ ଜବତ, ୩ ଗିରଫ

**କରଞ୍ଜିଆ, ୧୯।୬(ସମିସ):** କରଞ୍ଜିଆ ଓ ଏହା ଆଖପାଖ ଅଞ୍ଚଳରେ ବେଆଇନ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ ଏହାକୁ ରୋକିବା ପାଇଁ କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଚଢ଼ଉ ଅଭିଯାନ ଚାଲିଛି। ଏହି ଚଢ଼ଉ ସମୟରେ ବିପୁଳ ପରିମାଣର ମହୁଲ ଫୁଲ ଓ ମଦ ଜବତ କରାଯିବା ସହିତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। କରଞ୍ଜିଆ ଅବକାରୀ ଆଇଆଇସି ଜୟନ୍ତୀ ଆଚାର୍ଯ୍ୟ ଓ ଓଆଇସି ରଶ୍ମିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏଏସଆଇ ଫୁଲମଣୀ ନାୟକଙ୍କ ସମେତ ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଏହି ଚଢ଼ଉ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁପ୍ତ ସୂତ୍ରରୁ ସୂଚନା ପାଇ ଟିମ୍ ବିଭିନ୍ନ ଅଞ୍ଚଳର ଏକାଧିକ ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ସମୟରେ କେନ୍ଦୁମୁଣ୍ଡି ଗ୍ରାମର ରତ୍ନାକର ନାୟକଙ୍କ ନିକଟରୁ ପ୍ରାୟ ୪୦୦ କିଲୋଗ୍ରାମ ମହୁଲ ଫୁଲ ଜବତ କରାଯାଇଥିଲା। ସେହିପରି ଘୋଡ଼ାଘାଗୁରି ଗ୍ରାମର ସତ୍ୟରଞ୍ଜନ କରାଇଙ୍କ ନିକଟରୁ ୧୮ ଲିଟର ଓଏସ୍ ମଦ ଜବତ ହୋଇଥିବାବେଳେ କରଞ୍ଜିଆ ସହରର ରଜାବନ୍ଧ ସାହିର ଚିତ୍ତରଞ୍ଜନ କାରୁଆଙ୍କ ନିକଟରୁ ୧୯ ଲିଟର ଦେଶୀ ମଦ ଓ ମହୁଲି ଜବତ କରାଯାଇଥିଲା। ଅବକାରୀ ବିଭାଗ ପକ୍ଷରୁ ଜବତ ସାମଗ୍ରୀକୁ ଜବତ ତାଲିକାଭୁକ୍ତ କରାଯିବା ସହିତ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ପରେ ସେମାନଙ୍କୁ ଗିରଫ କରାଯାଇ କରଞ୍ଜିଆ କୋର୍ଟକୁ ଚାଲାଣ କରାଯାଇଥିବା ଜଣାପଡ଼ିଛି।

### ପଶ୍ଚିମବଙ୍ଗରୁ ଆଣୁଥିଲେ ଦେଶୀମଦ, ଧରିଲା ଅବକାରୀ ବିଭାଗ
## ଦୁଇ ବାଇକ ସହ ୬୫ ଲିଟର ମଦ ଜବତ, ୩ ଗିରଫ

**ମୋରଡ଼ା,୧୯।୬(ସମିସ):** ପଶ୍ଚିମବଙ୍ଗରୁ ଦେଶୀମଦ ଆଣି ମୋରଡା ଅଞ୍ଚଳରେ ବିକ୍ରି କରୁଥିବା ତିନିଜଣ ବେପାରୀଙ୍କୁ ଘୋଡାବନ୍ଧାଠାରେ ଗିରଫ କରିଛି ମୋରଡା ଅବକାରୀ ବିଭାଗ। ସେମାନଙ୍କ ନିକଟରୁ ୬୫ ଲିଟର ଦେଶୀମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଅବକାରୀ ଅଧିକାରୀ ଦୀପକ ରାଉତଙ୍କ ସୂଚନା ମୁତାବକ, ସହରାଇଶୋଳ ଗ୍ରାମର ଗଜନ ମୁର୍ମୁ ଓ ଲକ୍ଷ୍ମଣ ମାରାଣ୍ଡି, ବାଘଝରଣ ଗ୍ରାମର ଦୀନବନ୍ଧୁ ମହାନ୍ତ ଦୁଇଟି ବାଇକରେ ପଶ୍ଚିମବଙ୍ଗରୁ ୨୫, ୧୫ ଓ ୨୫ ଲିଟର ଦେଶୀମଦ ନେଇ ଆସୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଘୋଡାବନ୍ଧ ଛକ ନିକଟରେ ଚଢ଼ଉ କରି ମଦ ଜବତ କରିବା ସହିତ ଦୁଇଟି ବାଇକ୍‌କୁ ମଧ୍ୟ ଜବତ କରିଛି।

## ମା' କିଚକେଶ୍ୱରୀ କଳା ନିକେତନ ନୃତ୍ୟଶିଳ୍ପୀଙ୍କ ଉଚ୍ଚକୋଟୀର ପ୍ରଦର୍ଶନ

**ଶୁକୃଳି,୧୯।୬(ସମିସ):** ଶୁକୃଳିସ୍ଥ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମା' କିଚକେଶ୍ୱରୀ କଳା ନିକେତନ କଳାକାର ରାଜ୍ୟ ଓ ଜାତୀୟ ସ୍ତରରେ ପାରମ୍ପରିକ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରି ସମ୍ମାନିତ ହୋଇଥିବାବେଳେ କେନ୍ଦୁଝର ଜିଲ୍ଲା ମୁକୁନ୍ଦପୁରପାଟଣାଠାରେ ଆୟୋଜିତ ରଜ ମହୋତ୍ସବ ଅବସରରେ ସାହାରପଡ଼ାସ୍ଥ କହ୍ନେଇ କଳାକେନ୍ଦ୍ର ମିଳିତ ସହଯୋଗରେ ଓଡ଼ିଶୀ, ସମ୍ବଲପୁରୀ, ଝୁମର, ଢେମସା ପ୍ରଭୃତି ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ। ନୃତ୍ୟଗୁରୁ କହ୍ନେଇ ଚରଣ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ଅନନ୍ୟା ନାଏକ, ନିହାରିକା ନାଏକ, ମଧୁଛନ୍ଦା ମହାନ୍ତ, ଲିପସିତା ମହାନ୍ତ, ଓମପ୍ରକାଶ ନାୟକ, ପ୍ରଜ୍ଞା ବେହେରା, ଶୁଭଶ୍ରୀ ମହାନ୍ତି, ପିହୁ ମହାନ୍ତ, ପ୍ରିୟଦର୍ଶିନୀ ପ୍ରମାଣିକ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିବାବେଳେ ସମ୍ପାଦକ ପ୍ରଶାନ୍ତ ଘଣା, ସଭାପତି ଡ. ଜୀବନ କୁମାର ଗିରି ଓ ଉପଦେଷ୍ଟା ପ୍ରଜ୍ଞା ପାରମିତା ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ



**ବାରିପଦା, ୧୯।୬(ସମିସ):** ୯ନଂ ୱାର୍ଡସ୍ଥ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ପକ୍ଷରୁ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପୌରପରିଷଦ, ଆଶ୍ରୟସ୍ଥଳୀ ରକ୍ଷଣାବେକ୍ଷଣ ଓ ପରିଚାଳନା ସମିତି ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ। ଆଶ୍ରୟସ୍ଥଳୀର ସମ୍ପାଦକ ବିକ୍ରମ କେଶରୀ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଯୋଗେନ୍ଦ୍ର ପଣ୍ଡା, ମୁଖ୍ୟବକ୍ତା ଭାବେ ଆଶ୍ରୟସ୍ଥଳୀ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ରଘୁନାଥ ପଣ୍ଡା, ସ୍ୱାର୍ଡା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଅଗ୍ନିଶମ ବିଭାଗର ବିକାଶ କୁମାର ଦାସ, ସ୍ୱାର୍ଡା ଅନୁଷ୍ଠାନର କୋଷାଧ୍ୟକ୍ଷ ସଞ୍ଜୟ ଦ୍ୱାରି ପ୍ରମୁଖ ଯୋଗ ଦେଇଥିଲେ। ଏକ ଡମି ବାର୍ତ୍ତା ଭୟଙ୍କର ଘୂର୍ଣ୍ଣି ଝଡ଼ 'ଦାନା' ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇ ଓଡ଼ିଶା ଓ ପଶ୍ଚିମବଙ୍ଗ ମଝିରେ ପୁରୀ ଓ ସାଗର ଦୀପ ମଝିରେ ଗତି କରିବ। ଏହାର ପ୍ରଭାବରେ ୧୯ ତାରିଖରୁ ଅତି ପ୍ରବଳ ବର୍ଷା ଓ ଭୂସ୍ଖଳନର ସମ୍ଭାବନା ଅଛି। ତାହା ଉପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଲୋକମାନେ ବନ୍ୟା ସମୟରେ କିଭଳି ଭାବେ ପ୍ରସ୍ତୁତ ରହିବେ ଓ ଲୋକଙ୍କୁ ନିରାପଦ ସ୍ଥାନକୁ ଅଣାଯାଇପାରିବ, ସାପ କାମୁଡ଼ା ଓ ବଜ୍ରପାତ ସମୟରେ କିଭଳି ଭାବେ ସଚେତନ ରହିବେ, ସେ ସମ୍ପର୍କରେ ଅଗ୍ନିଶମ ବିଭାଗ ତରଫରୁ ତାଲିମ ଦିଆଯାଇଥିଲା। ଉକ୍ତ ବୈଠକରେ ଆଶ୍ରୟସ୍ଥଳୀର ସଭ୍ୟ ବସନ୍ତ କୁମାର ଦାସ, ରବୀନ୍ଦ୍ର ନାୟକ, ଶ୍ରୀଧର ପରିଡ଼ା, ନନୀ ଗୋପାଳ ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ହରିହର ମହାନ୍ତି, ଉପେନ୍ଦ୍ର ମାଝୀ, ଅଶ୍ୱିନୀ ପାତ୍ର ଓ ସ୍ୱାର୍ଡା ଅନୁଷ୍ଠାନର ମୋହନ ମୁର୍ମୁ, ବିଭିନ୍ନ ଶ୍ରେଣୀର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ରଘୁନାଥ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଅବସରରେ 'ସ୍ୱଚ୍ଛତା ସେ ସ୍ୱାଗତ' ଅଭିଯାନ

**ବାରିପଦା,୧୯।୬(ସମିସ):** ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ଅବସରରେ 'ସ୍ୱଚ୍ଛତା ସେ ସ୍ୱାଗତ' ଅଭିଯାନ ଶୁକ୍ରବାର ସକାଳେ ବାରିପଦା ପୌରପାଳିକା ପକ୍ଷରୁ ଛଉ ପଡ଼ିଆଠାରେ ଆୟୋଜିତ ହୋଇଛି। ଏ ଅବସରରେ ସଫେଇ କାର୍ଯ୍ୟକ୍ରମ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ପ୍ରତି ସମସ୍ତଙ୍କୁ ସଚେତନ ହେବା ସହିତ ସ୍ୱଚ୍ଛ ଓ ସୁନ୍ଦର ବାରିପଦା ଗଠନରେ ସକ୍ରିୟ ଭାବେ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ, ସମସ୍ତ କାଉନସିଲର, ସତ୍ୟସାଇ ସେବା ସଂସ୍ଥାର ସଦସ୍ୟ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ପୌରପାଳିକା କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ସମସ୍ତ ଅଂଶଗ୍ରହଣକାରୀ ସ୍ୱଚ୍ଛତାର ବାର୍ତ୍ତା ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ସହିତ ପରିବେଶ ସୁରକ୍ଷା ଓ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସଚେତନତା ସୃଷ୍ଟି କରିଥିଲେ। ବାରିପଦାକୁ ସ୍ୱଚ୍ଛ, ସୁନ୍ଦର ଓ ପରିବେଶ ଅନୁକୂଳ ସହର ଭାବେ ଗଢ଼ି ତୋଳିବା ଦିଗରେ ସମସ୍ତଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣ ପାଇଁ ବାରିପଦା ପୌରପାଳିକା ପକ୍ଷରୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରାଯାଇଥିଲା।




# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ, ମାରିସାର ନିନ୍ଦା

**ବାରିପଦା,୧୯।୬(ସମିସ):** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯୋଗାଇ ଦିଆଯାଇଥିବା ପାଠ୍ୟପୁସ୍ତକରେ ମାଲମାଲ ତ୍ରୁଟି ଦେଖିବାକୁ ମିଳିଛି। କେବଳ ଅଷ୍ଟମ ଶ୍ରେଣୀର ବିଭିନ୍ନ ପାଠ୍ୟପୁସ୍ତକରେ ୭୦୫ଟି ସମେତ ସମୁଦାୟ ୧୬୭୮ଟି ଭୁଲ ତଥ୍ୟ ଛପାଯାଇଥିବା ଅଭିଯୋଗ ହୋଇଛି। ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଏହାକୁ ଅକ୍ଷମଣୀୟ ତ୍ରୁଟି ଓ ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଛନ୍ତି। ଏହା ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କୁ ବିଭ୍ରାନ୍ତ କରିବା ସହ ଅଭିଭାବକ, ଶିକ୍ଷାବିତ୍ ଓ ଜନସାଧାରଣଙ୍କୁ ବ୍ୟସ୍ତବିବ୍ରତ କରୁଛି। ଏହାଦ୍ୱାରା ଛାତ୍ରଛାତ୍ରୀ କେବଳ ତଥ୍ୟଗତ ଭାବେ ଭୁଲ୍ ଶିକ୍ଷା ପାଇବେ ନାହିଁ, ବରଂ ବିକୃତ ଶିକ୍ଷା ପାଇବେ। ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ୍ୟ ବାଧାପ୍ରାପ୍ତ ହେବା ଫଳରେ ଏହି ଭୁଲ୍ ଶିକ୍ଷା ଗ୍ରହଣ କରି ରାଜ୍ୟର କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାର ହେବ ବୋଲି ଅଭିଯୋଗ ହୋଇଛି। ପାଠ୍ୟପୁସ୍ତକ ଛପା ପାଇଁ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ଏସ୍‌ସିଇଆରଟି ଓ ସିଟିଇ ଦ୍ୱାରା ଏହି ପୁସ୍ତକଗୁଡିକ ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଇଥିଲା। ଏତେ ସ୍ତରରେ ଯାଞ୍ଚ ସତ୍ତ୍ୱେ କିପରି ଏତେ ତ୍ରୁଟି ରହିଗଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ପରିପ୍ରେକ୍ଷୀରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁ ଦାବି କରିଛନ୍ତି ଯେ, ପାଠ୍ୟପୁସ୍ତକ ମୁଦ୍ରଣ ଓ ଅନୁମୋଦନ ପ୍ରକ୍ରିୟାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ଦାୟୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଛାତ୍ରଛାତ୍ରୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ରୁଟି ସଂଶୋଧନ କରି ତୁରନ୍ତ ପୁସ୍ତକ ଯୋଗାଇ ଦିଆଯାଉ।

### କନ୍ଦାସାହିରେ ପ୍ରାକ୍ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ
## ତମ୍ବୁ ତଳେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର



**ଶରତ,୧୯।୬(ସମିସ):** ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଦେୱାନବାହାଲୀ ପଞ୍ଚାୟତ ଅଧୀନ କନ୍ଦାସାହିରେ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। କନ୍ଦାସାହିରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ତମ୍ବୁ ତଳେ ଚାଲିଛି। ଏହି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଉକ୍ତ କେନ୍ଦ୍ରରେ ୪୦ ଜଣ କୋମଳମତି ଶିଶୁ ଅଧ୍ୟୟନ କରୁଛନ୍ତି। ଏହି ତମ୍ବୁ ପାଲ ତଳେ ହିଁ ପିଲାଙ୍କ ଭବିଷ୍ୟତ ଗଢ଼ା ଯାଉଛି। ଏହି ତମ୍ବୁ ପାଲ ତଳେ ହିଁ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯାଉଛି। ସରକାର ଶିକ୍ଷାର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଗ୍ରାମାଞ୍ଚଳର ଅଙ୍ଗନବାଡି କେନ୍ଦ୍ରର ଭିତ୍ତିଭୂମିର ବିକାଶ ଓ ସ୍ୱତନ୍ତ ଭାବେ ଘର ନିର୍ମାଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। କନ୍ଦାସାହି ଅଙ୍ଗନବାଡ଼ି କେନ୍ଦ୍ର ପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

# ନିୟମିତ ରକ୍ତଦାତା ନିରୋଜ ପୋଥାଲ ସମ୍ମାନିତ



**ବାରିପଦା, ୧୯।୬(ସମିସ):** ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ପରିସରସ୍ଥ ହେରିଟେଜ୍ ହଲ୍‌ରେ ଏକ ଭବ୍ୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏସସିବି ରକ୍ତ ସଞ୍ଚାରଣ ବିଭାଗ ଓ ରକ୍ତ ଭଣ୍ଡାର ପକ୍ଷରୁ ଆୟୋଜିତ ସଭାରେ ସାରା ଓଡ଼ିଶାର ନିୟମିତ ରକ୍ତଦାତାଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କର ମହତର ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ବାରିପଦାର ବିଶିଷ୍ଟ ତଥା ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଲଙ୍କୁ ତାଙ୍କର ଅତୁଳନୀୟ ସେବା ପାଇଁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ କରାଯାଇ ମାନପତ୍ର ଓ ଟ୍ରଫି ସହ ସମ୍ମାନିତ କରାଯାଇଛି।

ଡଃ ପୋଥାଲ ଆଜି ସୁଦ୍ଧା ୧୩୭ ଥର ନିୟମିତ ଭାବେ ରକ୍ତଦାନ କରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇବା ସହ ସମାଜ ପାଇଁ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ସଭାରେ ଏସସିବି ଟ୍ରାନସ୍ଫୁଜନ ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡାକ୍ତର ସ୍ମିତା ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ କଲେଜର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ପ୍ରତିଭା ପଣ୍ଡା, ଅଧୀକ୍ଷକ ପ୍ରଫେସର ଡାକ୍ତର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ, ଏସବିଟିସି ଯୁଗ୍ମ ନିର୍ଦ୍ଦେଶକ (ବ୍ଲଡ୍ ସେଫ୍ଟି) ଡାକ୍ତର ଦେବାଶିଷ ମିଶ୍ର, ଏସସିବି ଆଡମିନ୍ ଅଫିସର ଡାକ୍ତର ସୁବାସଚନ୍ଦ୍ର ରାଉତ ଓ ଆସୋସିଏଟ୍ ପ୍ରଫେସର ଡାକ୍ତର ସୁସ୍ମିତା ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ରକ୍ତଦାନର ଉପକାରିତା ଓ ସମାଜରେ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ସହ ରକ୍ତଦାତାଙ୍କୁ ମାନବ ସେବାର ଅସଲ ସାରଥି ବୋଲି ଅଭିହିତ କରି ଉତ୍ସାହିତ କରିଥିଲେ। ଏହି ଗୌରବଜନକ ସମ୍ମାନ ଗ୍ରହଣ କରିବା ପରେ ଡଃ ନିରୋଜ କୁମାର ପୋଥାଲ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ରକ୍ତଭଣ୍ଡାରର ସମସ୍ତ କର୍ତ୍ତୃପକ୍ଷ, ଡାକ୍ତର ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ବାରିପଦା ତଥା ସମଗ୍ର ମୟୂରଭଞ୍ଜ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି।

### ଅଲ୍ ଓଡ଼ିଶା ୧୮ ବର୍ଷରୁ କମ୍ ରଗ୍‌ବୀ ସେଭେନ୍ସ ଚାମ୍ପିଅନ୍‌ସିପ୍‌ରେ ସଫଳତା
# ମୟୂରଭଞ୍ଜ ବାଳକ ଓ ବାଳିକା ଦଳ ରନର୍ସଅପ୍

ବାରିପଦା, ୧୯।୬(ସମିସ)



ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ଅଲ୍ ଓଡ଼ିଶା ଆନ୍ତଃଜିଲ୍ଲା ୧୮ ବର୍ଷରୁ କମ୍ ରଗ୍‌ବୀ ସେଭେନ୍ସ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଜିଲ୍ଲାର ବାଳକ ଓ ବାଳିକା ଉଭୟ ଦଳ ଚମତ୍କାର ପ୍ରଦର୍ଶନ କରି ରନର୍ସଅପ୍ ହୋଇଛି। ବାଳକ ବିଭାଗରେ ମୟୂରଭଞ୍ଜ ଦଳ କ୍ୱାର୍ଟରଫାଇନାଲରେ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀକୁ ୨୦-୦ ପଏଣ୍ଟରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ସୁଭାଷ ୩ଟି ଓ ସାଦିନସନ ଗୋଟିଏ ଟ୍ରାଏ ସ୍କୋର କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେମିଫାଇନାଲ ମ୍ୟାଚ୍‌ରେ ଭଦ୍ରକ ଦଳକୁ ୨୦-୦ ପଏଣ୍ଟରେ ପରାସ୍ତ କରି ମୟୂରଭଞ୍ଜ ଫାଇନାଲକୁ ଉନ୍ନୀତ ହୋଇଥିଲା। କୃଷ୍ଣଚନ୍ଦ୍ର, ସୁଭାଷ ଓ ସାଦିନସନଙ୍କ ଟ୍ରାଏ ଦଳକୁ ଫାଇନାଲର ଟିକେଟ୍ ଦେଇଥିଲା। ଫାଇନାଲରେ ଶକ୍ତିଶାଳୀ କିସ୍ ଦଳ ସହ ମୁକାବିଲା କରିଥିବା ମୟୂରଭଞ୍ଜ ୨୦-୧୦ ପଏଣ୍ଟରେ ପରାସ୍ତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା।

ସେହିପରି ବାଳିକା ବିଭାଗରେ ମୟୂରଭଞ୍ଜ ଦଳ କ୍ୱାର୍ଟରଫାଇନାଲରେ ଭଦ୍ରକକୁ ୧୫-୦ ପଏଣ୍ଟରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ସନ୍ଧ୍ୟା, ଜାସମିନ ଓ ଜବାଙ୍କ ଟ୍ରାଏ ଦଳକୁ ସେମିଫାଇନାଲରେ ପହଞ୍ଚାଇଥିଲା। ସେମିଫାଇନାଲରେ କେନ୍ଦୁଝର ବିପକ୍ଷରେ ବାଲେ କିସ୍କୁଙ୍କ ଏକମାତ୍ର ଟ୍ରାଏ ବଳରେ ମୟୂରଭଞ୍ଜ ୫-୦ ପଏଣ୍ଟରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ମ୍ୟାଚ୍‌ରେ କିସ୍ ଦଳ ବିପକ୍ଷରେ ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ ମୟୂରଭଞ୍ଜ ବାଳିକା ଦଳ ପରାସ୍ତହୋଇ ରନର୍ସଅପ୍ ହୋଇଥିଲା। ଦଳର ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ରଗ୍‌ବୀ ଫୁଟବଲ ଆସୋସିଏସନର ଆମ୍ବାସାଡର ସନନ୍ଦ ମାରାଣ୍ଡି, ସଭାପତି ସୁନାରାମ କିସ୍କୁ, ମ୍ୟାନେଜିଂ ଡାଇରେକ୍ଟର ବାବା ଧଳରାମ ହାଁସଦା, ସମ୍ପାଦକ ଜେ ସୁଶୀଲ ହେମ୍ବ୍ରମ ଓ ଅନ୍ୟ କର୍ମକର୍ତ୍ତା ଖେଳାଳି, ପ୍ରଶିକ୍ଷକ ଓ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଭବିଷ୍ୟତ ସଫଳତା କାମନା କରିଛନ୍ତି।

